## ସଂକ୍ଷେପରେ

### ରାୟଗଡ଼ା ଜିଲାରୁ ଦିନକରେ ୩୧୦ ପଜିଟିଭ

#### ୩ ଦିନ ହେଲା ବଢ଼ୁଛି ସଂଖ୍ୟା

**ରାୟଗଡ଼ା ଅଫିସ,୪।୬:** ରାୟଗଡ଼ା ଜିଲାରେ ୩ ଦିନ ଧରି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରୁ ୩୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୃତ୍ୟୁ ସଂଖ୍ୟା ୧୦୮ରେ ପହଞ୍ଚିଥିବା ଜଣାପଡ଼ିଛି। ନୂତନ ସଂକ୍ରମିତଙ୍କ ମଧରେ ରାୟଗଡ଼ା ସହରାଞ୍ଚଳରୁ ୭୨, ରାୟଗଡ଼ା ଗ୍ରାମାଞ୍ଚଳରୁ ୬୯, ଗୁଡାରିରୁ ୫୯, ମୁନିଗୁଡ଼ାରୁ ୫୭, ଗୁଣୁପୁର ଗ୍ରାମାଞ୍ଚଳରୁ ୧୦, ଗୁଣପୁର ସହରାଞ୍ଚଳରୁ ୬, କାଶୀପୁରରୁ ୧୦, ବିଷମକଟକରୁ ୭ , ଚନ୍ଦ୍ରପୁରରୁ ୬, କୋଲନରାରୁ ୫, ପଦ୍ମପୁର ୪, ରାମନାଗୁଡ଼ାରୁ ୩ ଏବଂ କଲ୍ୟାଣସିଂହପୁରରୁ ୨ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୬୫୪୯ରେ ପହଞ୍ଚିଛି। ସେଥିମଧରୁ ୧୬୯୬ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ଜିଲାରୁ ଆଉ ୨ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବାବେଳେ ମୃତକଙ୍କ ସଂଖ୍ୟା ୧୦୮ରେ ପହଞ୍ଚିଥିବା ଜଣାପଡ଼ିଛି।

### ବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଚନ୍ଦାହାଣ୍ଡି, ୪।୬(ଡି.ଏନ୍.ଏ.):** ଚନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କୁ ଚନ୍ଦାହାଣ୍ଡି ଶିକ୍ଷାବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ବିଇଓ ପ୍ରେମଚାନ୍ଦ ସିଂ ଧୁରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଧର୍ମରାଜ ମାଝି, ଅବସରପ୍ରାପ୍ତ ତହସିଲଦାର ହୃଦାନନ୍ଦ ସିଂ ମାଝି, ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ, ଏବିଇ ବିଜୟ ନନ୍ଦ ସୋରି ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମ୍ବର୍ଦ୍ଧନା ସଭାରେ କରୋନାରେ ପ୍ରାଣ ହରାଇଥିବା ଚନ୍ଦାହାଣ୍ଡି ବରିଷ୍ଠ କିରାଣି ଭଗବାନ ରାଉତଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନ ଭଜନଲାଲ ରାୟଗଡା ଏଡିଇଓ ଭାବେ ଯୋଗଦେବେ। ଅତିଥିମାନେ ତାଙ୍କ ସମୃଦ୍ଧ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ପଦ୍ମଲୋଚନ ସାହୁ, ସିଆର୍‌ସିସି ହୃଷୀକେଶ ସୁନାନୀ, ପର୍ଶୁରାମ ସୁନାନୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ



**ଚିତ୍ରକୋଣ୍ଡା,୪।୬(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୨ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଚିତ୍ରକୋଣ୍ଡାର ରାଧା ମାଛ, ଜାନକୀ ଖିଲ ନାମକ ୨ ଭିନ୍ନକ୍ଷମଙ୍କୁ ୨ଟି ହ୍ୱିଲ ଚେୟାର ମିଳିଛି। ପୂର୍ବରୁ ସେମାନଙ୍କୁ ଭତ୍ତା ଓ ରାଶନ ମିଳୁଛି। ଏହି କାର୍ଯ୍ୟକ୍ରମରେ ବିଡିଓ ରାହୁଲ ମଣ୍ଡଳ, ପିଇଓ ବାଳକୃଷ୍ଣ ଦେହୁରି, ବିଏସ୍‌ଏସ୍‌ଓ ଅମର ମାଡକାମି, ସାମାଜିକ କର୍ମୀ ସୁରି ରେଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ହଲିଉଡ୍ ଢାଞ୍ଚାରେ ସଜେଇହେବ ହିର୍ଲି ଡଙ୍ଗର

**ନବରଙ୍ଗପୁର,୪।୬ (ବି.ପ୍ର.)**



ହିର୍ଲି ଡଙ୍ଗରରେ ବୈଷୟିକ ଟିମ୍।

ହିର୍ଲି ଡଙ୍ଗର (ପାହାଡ଼)ର ସୌନ୍ଦର୍ଯ୍ୟକରଣ ହଲିଉଡ୍ ଢାଞ୍ଚାରେ କରାଯିବ। ପ୍ରଶାସନ ପକ୍ଷରୁ ଆଇ ଲଭ ୟୁ ନବରଙ୍ଗପୁର ୮ଫୁଟ ଉଚ୍ଚତାର ଲୋଗୋ ପାହାଡ଼ ଶୀର୍ଷରେ ଖଞ୍ଜାଯିବ। ଏଥିପାଇଁ ଶୁକ୍ରବାର ଏକ ବୈଷୟିକ ଟିମ୍ ସ୍ଥାନ ନିରୂପଣ କରିଛନ୍ତି। ପାହାଡ ଉପରେ ଲଗାଯିବାକୁ ଥିବା ଏହି ଲୋଗୋ ୨୬ନମ୍ବର ଜାତୀୟ ରାଜପଥରେ ଯାତାୟତ କରୁଥିବା ସମସ୍ତଙ୍କ ଦୃଷ୍ଟିରେ ପଡିବ। ଏହା ବ୍ୟତିତ ନବରଙ୍ଗପୁର ସହରର ପ୍ରତ୍ୟେକ କେନ୍ଦ୍ରରୁ ଓ ଆଖପାଖ ଅଞ୍ଚଳର ଲୋକଙ୍କ ଦୃଷ୍ଟି ତା ଉପରେ ରହିବ। ଏଥିପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ହିର୍ଲିପାର୍କଠାରେ ଫାଉଣ୍ଟେନ, ଭିୟୁ ପଏଣ୍ଟ, ଓପନ ଜିମ୍, ପାର୍କିଂ ବ୍ୟବସ୍ଥା, ସେଲ୍ଫି ପଏଣ୍ଟ ସମେତ ବିଭିନ୍ନ ଆକର୍ଷଣୀୟ ଗଛ ଲଗାଯାଇଛି। ପାହାଡର ନିମ୍ନ ଭାଗକୁ ଜଙ୍ଗଲ ବିଭାଗ ପକ୍ଷରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ ଶିଶୁ ଉଦ୍ୟାନ ମଧ କରାଯାଇଛି। ପାହାଡ଼ ଉପରୁ ନିକଟରେ ଥିବା କୁସୁମିଝର ଜଳଭଣ୍ଡାର, ଚାଷ ଜମି, ଚୁଟିଆଗୁଡା ଓ ଖଣ୍ଡୁଗୁଡା ଜଙ୍ଗଲର ସବୁଜିମା ପରିବେଶ, ସହ ସହର ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ସହକାରୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଦେବାଶିଷ ପ୍ରହରାଜ, ଜିଲା କ୍ରୀଡା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଲୋଗୋ ବସାଇବାକୁ ସ୍ଥାନ ନିରୂପଣ କରିଛନ୍ତି।

## ସ୍ୱାସ୍ଥ୍ୟକର୍ମୀଙ୍କୁ ମାଡ଼ ଅଭିଯୋଗ, ୩ ଡାକ୍ତରଙ୍କ ନାଁରେ ଏତଲା

**ଉମରକୋଟ, ୪।୬(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ପୂଜାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ୩ଜଣ ଡାକ୍ତର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉମରକୋଟ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପୂଜାରିଗୁଡ଼ା ଡାକ୍ତରଖାନାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଲୋକେଶ କଲାର (୩୦) ଗୁରୁବାର ରାତିରେ ହସ୍ପିଟାଲ ବାହାରେ ଏକ ବାଇକ ଉପରେ ବସିଥିଲେ। ଏହି ସମୟରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅଭିନାଶ ମହାନ୍ତି, ପୂଜାରିଗୁଡା ଡାକ୍ତର ଅନୁରାଗ ମଲ୍ଲିକ ଓ ହିମାଂଶୁ ମିଶ୍ର ସେଠାରେ ପହଞ୍ଚିଥିଲେ। ଲୋକେଶ ଛିଙ୍କିବାରୁ ଡାକ୍ତର ଅନୁରାଗ ମଲ୍ଲିକ ବିନା କୋଭିଡ୍ ଟେଷ୍ଟରେ ଡାକ୍ତରଖାନା ଆସି ହେବନାହିଁ କହି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। କାହାକୁ ଗାଳି ଦେଉଛନ୍ତି ବୋଲି ଲୋକେଶ ଡାକ୍ତରଙ୍କୁ ପଚାରିବାରୁ ଜୀବନରେ ମାରି ଦେବା ଧମକ ଦେଇ ଡାକ୍ତର ଅବିନାଶ ତାଙ୍କୁ ଠେଲାପେଲା କରିଥିଲେ। ଡାକ୍ତରମାନେ ନିଶାଶକ୍ତ ଅବସ୍ଥାରେ ଏପରି କରିଛନ୍ତି ବୋଲି ଲୋକେଶ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳର ୧୦୦ ଜଣ ଲୋକେ ସେଠାରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା। ଲୋକମାନେ ପହଞ୍ଚିବା ବେଳକୁ ଡାକ୍ତରମାନେ ସେଠାରୁ ପଳାଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଲୋକେଶ ଉମରକୋଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ୨୦୪/୨୧ରେ ମାମଲା ରୁଜୁ କରି ଉମରକୋଟ ଥାନା ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ଡାକ୍ତର ଅବିନାଶଙ୍କୁ ପଚାରିବା ଥାନାରୁ ଅଭିଯୋଗ ଆସିଲେ ମୁଁ ଉତ୍ତର ଦେବି ବୋଲି ସେ କହିଛନ୍ତି। ଡାକ୍ତର ଅନୁରାଗ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାଙ୍କ ମୋବାଇଲ ସ୍ୱିଚ୍ ଅଫ୍ ଥିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ଯୁବଗୋଷ୍ଠୀଙ୍କୁ ଟିକା ଦିଆଯାଉ

**ଉମରକୋଟ/ଝରିଗାଁ, ୪।୬(ସ୍ୱ.ପ୍ର.)**

### ୪ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ



କଂଗ୍ରେସ କର୍ମୀମାନେ ଉମରକୋଟ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଉମରକୋଟ ନଗର ଯୁବକଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦେବୀପ୍ରସାଦ ଟାଲିଙ୍କୁ ଭେଟି ଶୁକ୍ରବାର ଦାବିପତ୍ର ଦେଇଛି। ମେ ୧ରୁ ୧୮ ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ଟିକା ଦେବାକୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉମରକୋଟ ତଥା ବ୍ଲକ ଅଞ୍ଚଳରେ ଟିକାକରଣ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ବର୍ତ୍ତମାନ କରୋନା ଦ୍ୱିତୀୟ ଲହର ଗାଁ ଗହଳିରେ ପହଞ୍ଚି ସାରିଲାଣି। ବହୁ ସଂଖ୍ୟାରେ ଲୋକ କରୋନାରେ ଆକ୍ରାନ୍ତ ହୋଇ ଔଷଧ ସେବନ କରୁଛନ୍ତି। ଉମରକୋଟ ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ। ସଚେତନତା ଅଭାବରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଉମରକୋଟ ସହର ଓ ବ୍ଲକ ଅଞ୍ଚଳରେ ଯୁବଗୋଷ୍ଠୀଙ୍କୁ କରୋନା ଟିକା ଦେବା ପାଇଁ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଟିକାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରା ନ ଗଲେ ପରିସ୍ଥିତି ଅଣାୟତ୍ତ ହେବା ସମ୍ଭାବନା ରହିଛି। ୩-୪ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଉମରକୋଟ କଂଗ୍ରେସ ଯୁବନେତା ମୁନା ପାଢ଼ୀ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଯୁବକଂଗ୍ରେସ ଉପସଭାପତି କୁନା ସାହୁ, ନଗର ସଭାପତି ମାର୍କଣ୍ଡ ସାହୁ, ଉମରକୋଟ ଯୁବ କଂଗ୍ରେସ ସଭାପତି ନୀଳମାଧବ ନାୟକ, ଉଷମାନ ଲାଠିଆ, ଏସ୍. ବିଜୟ, ମିଡିଆ ସଂଯୋଜକ ଆଦିତ୍ୟ ଦାସ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ଜିଲା ଝରିଗାଁରେ ୧୮ରୁ ୪୪ବର୍ଷ ବୟସ୍କଙ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଇବାକୁ ଭାଜପା ଦାବି କରିଛି। ବିଡିଓଙ୍କ ଅନୁପସ୍ଥିତିରେ ଏଇ ପ୍ରିୟଙ୍କା ଗଣ୍ଡଙ୍କୁ ଦଳ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଜିଲାରେ କେବଳ ନବରଙ୍ଗପୁରରେ ହିଁ ଯୁବଗୋଷ୍ଠୀଙ୍କ ପାଇଁ ଟିକାକରଣ ବ୍ୟବସ୍ଥା ରହିଛି। ଝରିଗାଁ ବ୍ଲକରୁ ନବରଙ୍ଗପୁର ୮୦କି.ମି. ଦୂର। ଏତେଦୂର ଟିକା ନେବାପାଇଁ ଯିବାକୁ କେହି ଇଚ୍ଛା କରୁନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଭାଜପାର ଗୋବିନ୍ଦ ଜୈନ, ଜିଲା ଯୁବ ସଭାପତି ଚନ୍ଦ୍ରଭାନୁ ନାୟକ, ମଣ୍ଡଳ ସଭାପତି ପ୍ରତାପ ବାଘ, ମଣ୍ଡଳ ସାଧାରଣ ସମ୍ପାଦକ ଅଭିଷେକ ନନ୍ଦ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ୧୫୦ କଇଁଛ ଜବତ

**ମାଲକାନଗିରି, ୪।୬(ଡି.ଏନ୍.ଏ.)**

କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି-୬୫ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲ ଭିତରେ କେତେଜଣ ବ୍ୟବସାୟୀ ଆନ୍ଧ୍ର ପ୍ରଦେଶରୁ କଇଁଛ ଆଣି ଚୋରାରେ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ଖବରପାଇ ବନ ବିଭାଗ ଚଢ଼ାଉ କରି ସେମାନଙ୍କଠାରୁ ୧୫୦ ଜିଅନ୍ତା କଇଁଛ ଜବତ କରିଛି। ବନ ବିଭାଗ ଗାଡି ଦେଖି କଇଁଛ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କ ଦୁଇଟି ବାଇକ୍ ଓଆର୍‌୩୦-୦୨୦୭ ଏବଂ ଏପି୧୫-୫୨୪୧ ଜବତ ହୋଇଛି। ଚଢାଉରେ କାଲିମେଳା ଟାଉନ ଫରେଷ୍ଟର ସ୍ୱୟଂପ୍ରଭା ପ୍ରଧାନ , ତେଲାରାଇ ବିଟ୍ ଫରେଷ୍ଟ ଗାର୍ଡ ରାମଚନ୍ଦ୍ର ମାଝି,ଶୁଦ୍ଧାଖୁଣ୍ଟା ବିଟ୍ ଫରେଷ୍ଟ ଗାର୍ଡ ଅମ୍ଳାନ କୁମାର ନାୟକ, ପାରାଷ୍ଟାଫ ରୁଦ୍ର ହନ୍ତାଳ ଓ ଜୟନ୍ତୀ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ। କେସ୍ ନଂ. ଓଆର୍ ୩୮/୨୧ରେ ଏକ ମାମଲା ରୁଜୁ ହୋଇଛି।

## ଆର୍‌ଏମ୍‌ସି ଗୋଦାମ ଗୃହର ଭୂମିପୂଜା



**ଚନ୍ଦାହାଣ୍ଡି , ୪।୬(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଚିଲିଗାରେ ଦୁଇ କୋଟି ଏକ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଆର୍‌ଏମ୍‌ସି ଗୋଦାମ ଗୃହର ଭୂମିପୂଜନ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି କରିଛନ୍ତି। ଏହି ଭୂମି ପୂଜା କାର୍ଯ୍ୟକ୍ରମରେ ଉପଜିଲାପାଳ ଭାସ୍କର ରଇତ, ବିଡ଼ିଓ ଧର୍ମରାଜ ମାଝି,ଏମ୍‌ପି ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ବିଭାଗୀୟ ଯନ୍ତ୍ରୀ ବିନୟ ଚନ୍ଦ୍ର ମଲ୍ଲିକ, ଠିକାଦାର ସୁଶିଲ ଅଗ୍ରୱାଲ, ଜୋନ ୨ ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ସୋରି, ବିଜେଡି ବ୍ଲକ ସଭାପତି ଗୌରହରି ନାୟକ, ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ଜ ଆର୍‌ଏମ୍‌ସି ସଭ୍ୟ କାର୍ତ୍ତିକ ଚନ୍ଦ୍ର ବାଗ, ପାଟଖଲିଆ ସମିତି ସଭ୍ୟ ତ୍ରିନାଥ ଦାସ, ସରପଞ୍ଚ ହର ପୂଜାରୀଙ୍କ ସମେତ ଚିଲିଗା ଗ୍ରାମବାସୀ ଉପସ୍ଥିତ ଥିଲେ।

## ସର୍ଭେ, ଟିକାକରଣ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ

**ରାୟଗଡ଼ା ଅଫିସ,୪।୬**

- ଜିଲାପାଳଙ୍କ ଅନ୍‌ଲାଇନରେ କରୋନା ସ୍ଥିତି ସମୀକ୍ଷା
- ଅନ୍ଧବିଶ୍ୱାସ ଦୂର ପାଇଁ ବ୍ୟାପକ ହେବ ସଚେତନତା
- ସଂକ୍ରମଣ ବଢ଼ୁଥିବା ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି

ରାୟଗଡ଼ା ଜିଲାରେ ସଂକ୍ରମଣ କମୁଥିବାବେଳେ ଗତ ୩ ଦିନ ମଧରେ ପୁଣି ପଜିଟିଭ ସଂଖ୍ୟା ବୃଦ୍ଧିପାଇଛି। ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟାକୁ କମାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହାକୁ ନେଇ ଜିଲାପାଳ ସରୋଜ କୁମାର ମିଶ୍ର ଶୁକ୍ରବାର ଅଧିକାରୀମାନଙ୍କୁ ନେଇ ଅନ୍‌ଲାଇନ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆରଡିଏ ପିଡି ମହେଶ୍ୱର ନାୟକଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ କୋଭିଡ୍ ସଂକ୍ରମଣ ହ୍ରାସ ନିମନ୍ତେ ଘରକୁ ଘର ଯାଇ ସର୍ଭେ, ପରୀକ୍ଷା ଓ ଟିକାକାରକୁ ତ୍ୱରାନ୍ୱିତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଦିଗରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେତେକ ଗାଁରେ ଲୋକେ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା ଯୋଗୁ ଟିକା ନେବା ପାଇଁ ରାଜି ହେଉ ନ ଥିବାବେଳେ ସେମାନଙ୍କୁ ସଚେତନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ନେବାକୁ ଜିଲାପାଳ ସମସ୍ତ ବିଡିଓ ଓ ସିଡିପିଓ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିନିମନ୍ତେ ସ୍ଥାନୀୟ ଜନସାଧାରଣ, ଏସ୍‌ଏଚ୍‌ଜି, ପଞ୍ଚାୟତ ଜନ ପ୍ରତିନିଧିଙ୍କ ସହାୟତା ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି କୋଭିଡରେ ଅନାଥ ପିଲାଙ୍କୁ ଚିହ୍ନଟ କରି ଶୀଘ୍ର ଜିଲାପାଳଙ୍କ କାର୍ଯ୍ୟଳୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ହୋଇଛି। ଏହାର ସଫଳ ରୂପାୟନ ନିମନ୍ତେ ଜିଲାପାଳ ଅତିରକ୍ତ ଜିଲାପାଳଙ୍କୁ ଦାୟିତ୍ୱ ଦେଇଛନ୍ତି। ଅନ୍ୟପକ୍ଷରେ ତହସିଲଦାର ମାନେ ମାସ୍କ ବ୍ୟବହାର, ସାମାଜିକ ଦୂରତା ନିୟମ ପାଳନ ନେଇ ଯାଞ୍ଚ କଡ଼ାକଡ଼ି କରିବେ। ବିଶେଷକରି ସଂକ୍ରମଣ ବଢୁଥିବା ଅଞ୍ଚଳ ତଥା ରାୟଗଡ଼ା ସହରାଞ୍ଚଳ, ଗୁଣପୁର, ମୁନିଗୁଡ଼ା, ଟିକିରିରେ ଯାଞ୍ଚ କଡ଼ାକଡ଼ି ହେବ। ସେହିପରି ସିଡିପିଓ ମାନେ ଘରକୁ ଘର ସର୍ଭେ କାର୍ଯ୍ୟକ୍ରମ ତଦାରଖ କରିବେ। କୋଭିଡ ସଚେତନତା ନିମନ୍ତେ ଦିଆଯାଇଥିବା ପାଣ୍ଠିର ସଦୁପଯୋଗ ବିଷୟରେ ମଧ ତଦରଖ କରିବେ। କାର୍ଯ୍ୟକ୍ରମରେ ବ୍ଲାକ୍ ଫଙ୍ଗସ୍‌କୁ ରୋକିବା ନେଇ ପ୍ରସ୍ତୁତି ବିଷୟରେ ମଧ ଜିଲାପାଳ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ବୁଲିଲା ରଥ, ବାଣ୍ଟିଲା ପଟ୍ଟା



ହିତାଧିକାରୀଙ୍କୁ ଅଧିକାରୀ ପଟ୍ଟା ପ୍ରଦାନ କରୁଛନ୍ତି।

**ଚନ୍ଦାହାଣ୍ଡ, ୪।୬(ଡି.ଏନ୍.ଏ)**

ରାଜସ୍ୱ ସେବା ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ଶୁକ୍ରବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଚନ୍ଦାହାଣ୍ଡି ତହସିଲଦାର ବାବୁଲାଲ ସାମଲ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜମି, ଘରବାରି ପଟ୍ଟା ସମେତ ସମସ୍ତ ପ୍ରମାଣପତ୍ର ପାଇଁ ହିତାଧିକାରୀଙ୍କୁ ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବନି। ବରଂ ବିଭାଗୀୟ ଅଧିକାରୀ ଗାଁରେ ପହଞ୍ଚି ଲୋକଙ୍କୁ ତାହା ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି। ପ୍ରଥମ ଦିନରେ ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡା ଓ ସଦର ଗ୍ରାମକୁ ଯାଇ କିଛି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଏହି କର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ରାଜସ୍ୱ ନିରୀକ୍ଷକ ପି.ଉଦୟ କୁମାର, ଅନନ୍ତ ନାରାୟଣ ସିହ୍ନା, ଲାଲୁପ୍ରସାଦ ବାଘ ଉପସ୍ଥିତ ଥିଲେ।

## ରାଜ୍ୟ ସରକାର, ଘରୋଇ ହସ୍ପିଟାଲକୁ ଟିକା ଯୋଗାଇଦେଉ କେନ୍ଦ୍ର

**ନବରଙ୍ଗପୁର,୪।୬(ବି.ପ୍ର.)**



ନବରଙ୍ଗପୁର ଅତିରିକ୍ତ ଜିଲାପାଳ ରତ୍ନାକର ସାହୁ ଦାବିପତ୍ର ଗ୍ରହଣ କରୁଛନ୍ତି।

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା କଂଗ୍ରେସର ଦାବିପତ୍ର

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅତିରିକ୍ତ ଜିଲାପାଳ ରତ୍ନାକର ସାହୁ ଦାବିପତ୍ର ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ଖାମଖିଆଲ ମନୋଭାବ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁ ପୂରା ଦେଶରେ କରୋନା ମହାମାରୀରେ ଲୋକେ ଛଟପଟ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଟିକାକରଣ ନୀତି ଫେଲ୍ ମାରିଛି। କେନ୍ଦ୍ର ସରକାର ଏକ ଡୋଜ୍ ଟିକାକୁ ୧୫୦ ଟଙ୍କାରେ କିଣୁଥିବାବେଳେ ରାଜ୍ୟ ସରକାର ତାହାକୁ ୩୦୦ ଓ ଘରୋଇ ହସ୍ପିଟାଲ ୬୦୦ ଟଙ୍କାରେ କିଣିବା ଦୁର୍ଭାଗ୍ୟଜନକ। ୧୪୦କୋଟି ଭାରତୀୟଙ୍କ ପାଇଁ ଆଜି ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ମିଶି ୩୯ କୋଟି ଡୋଜ୍ ଟିକା ବରାଦ କରିଛନ୍ତି। ୩୧ ମେ ୨୦୨୧ ସୁଦ୍ଧା ସମଗ୍ର ଦେଶରେ ୨୧ କୋଟି ୩୧ ଲକ୍ଷ ଲୋକ ଟିକା ନେଇଥିବା ବେଳେ ମାତ୍ର ୪ କୋଟି ୪୫ ଲକ୍ଷ ଲୋକ ଦୁଇଟି ଡୋଜ୍ ସମ୍ପୂର୍ଣ୍ଣ କରିସାରିଛନ୍ତି ; ସାରା ଦେଶର ଜନସଂଖ୍ୟାର ମାତ୍ର ୩.୧୭ ପ୍ରତିଶତ । କେନ୍ଦ୍ର ସରକାର ଟିକା କିଣି ରାଜ୍ୟ ସରକାର ଏବଂ ବେସରକାରୀ ହସ୍ପିଟାଲଗୁଡ଼ିକୁ ଯୋଗାଇଲେ ଲୋକେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ସଭ୍ୟ ଦିଲୀପ ବେହେରା, ମିଟୁ ପାତ୍ର, ଟାଉନ କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, କୁନା ପାଢ଼ୀ, ସଞ୍ଜୟ ନାୟକ, ପ୍ରଫୁଲ୍ଲ ପଣ୍ଡା, ସୁମିତ ପୂଜାରୀ ଉପସ୍ଥିତ ଥିଲେ।

## ଅକ୍ସିଜେନ୍ ଅଭାବ ଶିଖାଇଲା ବୃକ୍ଷର ମହତ୍ତ୍ୱ

**ରାୟଗଡ଼ା ଅଫିସ,୪।୬**



ଜିଲାପାଳ ପ୍ରେମ ପାହାଡ଼ରେ ଚାରାରୋପଣ କରୁଛନ୍ତି।

- ବିଶ୍ୱ ପରିବେଶ ଦିବସରେ ଚାରାରୋପଣ
- ଜୁଲାଇରେ ପ୍ରେମ ପାହାଡ଼ରେ ଲାଗିବ ୧ହଜାର ଚାରା

ଜୁନ୍ ୫କୁ ପ୍ରତ୍ୟେକ ବର୍ଷ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷ ଏହା ଶନିବାର ପଡୁଛି। ତେବେ ଶଟ୍‌ଡାଉନ କଟକଣା ଯୋଗୁ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପରିବେଶ ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ବିଷୟବସ୍ତୁ ହେଲା 'ଜୈବମଣ୍ଡଳ ପୁନରୁଦ୍ଧାର'(ପ୍ରକୃତି ସହିତ ସୁସମ୍ପର୍କ ସ୍ଥାପନ)।

ଏହି ଉପଲକ୍ଷେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ଥାନୀୟ ପ୍ରେମ ପାହାଡ଼ରେ ଚାରାରୋପଣ କରାଯାଇଥିଲା। ଜିଲାପାଳ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିବା ସହ ସହରାଞ୍ଚଳ ପରିବେଶ ସୁରକ୍ଷା ଦିଗରେ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ସେହିପରି ପ୍ରେମ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ବନୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ କୋଭିଡ୍ ପରିସ୍ଥିତିରେ ଅକ୍ସିଜେନର ଅଭାବ ଏବଂ ପରିବେଶ ସୁରକ୍ଷାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାୟଗଡ଼ାର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର, ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରଲୀନା ପ୍ରଧାନୀ, ପୌର ନିର୍ବାହୀ ଅଧିକାରୀ ୱାଇ. ବିଲାଲ ଅହମ୍ମଦ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ୱାକର୍ସ କ୍ଲବ୍‌ର ସଦସ୍ୟ ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି ୨୦ରୁ ଊର୍ଦ୍ଧ୍ୱ କିସମର ଚାରାରୋପଣ କରିଥିଲେ। ପ୍ରେମ ପାହାଡ଼ରେ ବନୀକରଣ ବ୍ୟବସ୍ଥା ନେଇ ଜେକେ କାଗଜ କଳ ଓ ଉତ୍କଳ ଆଲୁମିନା କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବା ନିମନ୍ତେ ଏଠାରେ ଜିଲାପାଳ ଆଲୋଚନା କରିଥିଲେ। ଜୁଲାଇ ମାସରେ ପ୍ରେମ ପାହାଡ଼ରେ ୧ହଜାର ଚାରାରୋପଣ କରାଯିବ। ପରିବେଶ ଦିବସରେ ଏହାର ଶୁଭାରମ୍ଭ କରାଯାଇଛି।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୫ ଜୁନ୍, ୨୦୨୧



## ସଂକ୍ଷେପରେ

### ବଗିଚାରୁ ସାପ ଉଦ୍ଧାର



**ଦାମନଯୋଡ଼ି,୪।୬ (ଡି.ଏନ.ଏ.):** ନାଲ୍କୋ ଟାଉନଶିପ ସେକ୍ଟର -୧ରେ ରହୁଥିବା ସାମାଜିକ କର୍ମୀ ବିଜୟ୍ ଆଚାର୍ଯ୍ୟଙ୍କ କ୍ୱାର୍ଟର୍ସ ନିକଟସ୍ଥ ବଗିଚାରୁ ଏକ ୭ଫୁଟ ଲମ୍ବର ବିଷାକ୍ତ ପାହାଡି ସାପ ଶୁକ୍ରବାର ଉଦ୍ଧାର ହୋଇଛି। ସାପଟି ବଗିଚାକୁ ଯାଉଥିବା ଦେଖି ଆଚାର୍ଯ୍ୟଙ୍କ ସ୍ତ୍ରୀ ପଡ଼ୋଶୀଙ୍କୁ ଡାକିଥିଲେ। ଠିକାଦାର ପ୍ରଳୟ୍ କାନୁନ୍‌ଗୋ ଟାଉନଶିପରେ ରହୁଥିବ ସାପ ଧରାଳି ଲାବଣ୍ୟ ହିଆଲଙ୍କୁ ଯୋଗାଯୋଗ କରିଥିଲେ। ହିଆଲ ପହଞ୍ଚି ସାପଟିକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

### କମ ଖର୍ଚ୍ଚରେ ଅଧିକ ଲାଭ ଦେବ ଆଜୋଲା ଚାଷ



**ଚିତ୍ରକୋଣ୍ଡା,୪।୬(ଡି.ଏନ.ଏ.):** ଜୈବିକ କୃଷି ପାଇଁ ଆଜୋଲା ଚାଷ ବେଶ୍ ସହାୟକ ହୋଇଥାଏ। ଏହା ପୃଷ୍ଟିକାରକ। ଗୋ ଖାଦ୍ୟ, କୁକୁଡ଼ା ଖାଦ୍ୟ ଏବଂ ଜୈବିକ ସାର ଭାବରେ ମଧ ବ୍ୟବହାର ହୋଇଥାଏ। ଜମିକୁ ଉର୍ବରତା ଦେଉଥିବା ଆଜୋଲା ପାଇଁ ଚାଷୀକୁ ବେଶୀ ଖର୍ଚ୍ଚାନ୍ତ ହେବାକୁ ପଡି ନ ଥାଏ। କମ ଖର୍ଚ୍ଚରେ ଅଧିକ ଲାଭ ମିଳିଥାଏ। ଏହାଦ୍ୱାରା ପରିବେଶ ଦୂଷିତ ହୋଇନ ଥାଏ। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ବଡପଦର ପଞ୍ଚାୟତର ବାଙ୍ଗୁରୁପଠାରେ ମାଲକାନଗିରି ଜିଲା କୃଷି ବିଭାଗ କର୍ମଚାରୀ ଓ ଚିତ୍ରକୋଣ୍ଡା ସହକାରୀ କୃଷି ଅଧିକାରୀ କୃଷ୍ଣପଦ ମୁଖାର୍ଜୀଙ୍କ ସହାୟତାରେ ୩ଟି ଆଜୋଲା ପିଟ ଗ୍ରାମର ଚାଷୀ ଦଶରଥ କ୍ରିଷାନି, ମଧୁ ଆଙ୍ଗେଲ ଓ ମଦନ ଶିଶା କରିଛନ୍ତି। ଏହି ଚାଷକୁ ସଫଳ କରିବା ପାଇଁ କୃଷିଅଧିଦର୍ଶକ ଶିଶିର କୁମାର ସାହୁ ଓ ପାପୁଲୁର ଭିଏଲଡବ୍ଲ୍ୟୁ ସୌରଭ କୁମାର ମହାପାତ୍ର ସହଯୋଗ କରୁଛନ୍ତି। ସ୍ୱାଭିମାନ ଅଞ୍ଚଳର ଅନ୍ୟ ଗ୍ରାମଗୁଡିରେ କୃଷି ବିଭାଗ ଏହି ଆଜୋଲା ଚାଷ କରିବା ଲକ୍ଷ୍ୟ ରଖିଛି। ଏହି ଚାଷ ଫଳପ୍ରଦ ହେଲେ ଏହା ଚାଷୀଙ୍କ ଅର୍ଥନୀତିରେ ସୁଧାର ଆଣିବ ବୋଲି କୃଷିବିଭାଗ ଆଶା ରଖିଛି।

### ସାମାଜିକ କର୍ମୀଙ୍କ ପରଲୋକ

**ମାଲକାନଗିରି, ୪।୬(ଡି.ଏନ୍.ଏ.)-** ମାଲକାନଗିରି ଜିଲାରେ ଜଣାଶୁଣା ଜଣେ ସଙ୍ଗୀତ ସାଧକ ତଥା ସାମାଜିକ କର୍ମୀ ମନୋଜ ଦୋରା (୪୮)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ହେଲା ସେ ଅସୁସ୍ଥ ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମନୋଜ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ସହ ଜଣେ ସଙ୍ଗୀତ ଲେଖକ ଓ ଗାୟକ ରୂପେ ଜିଲାରେ ବେଶ୍ ପରିଚିତ ଥିଲେ। ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ଯେପରି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ଖଇରପୁଟ ବ୍ଲକର ବଣ୍ଡାଘାଟିରେ ଶିକ୍ଷାର ପ୍ରଚାର ପ୍ରସାର ଦାୟିତ୍ୱ ନେଇଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ନେଇ ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

■ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ କାମ କରିବାକୁ ବିହାର ଯାଇଥିଲେ
■ ୧୦ ଲକ୍ଷ ଟଙ୍କାରେ ବନ୍ଧକ ଥିଲେ
■ ବନ୍ଦୀ କରି ରଖି ନିର୍ଯାତନା ଦେଉଥିଲେ ସମ୍ପୃକ୍ତ ବ୍ୟକ୍ତି

**ମାଲକାନଗିରି, ୪।୬(ଡି.ଏନ୍.ଏ.)**

୭ ମାସ ତଳେ ଏମ୍‌ଭି-୭୨ ଗ୍ରାମର ରାମା ଦୁବେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ମିଶି ବିହାରକୁ କାମ କରିବାକୁ ଯାଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଗ୍ରାମକୁ ଫେରିଥିବା ବେଳେ ରାମା ଫେରିନାହାନ୍ତି। ଏନେଇ ତାଙ୍କ ସ୍ତ୍ରୀ ଜ୍ୟୋତି ଦୁବେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ଏମ୍‌ଭି-୭୯ ଥାନାକୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ପୋଲିସ ତାଙ୍କ ଅଭିଯୋଗ ଶୁଣି ନାହିଁ। ପରେ ସେ ମାଲକାନଗିରି ଥାନା ଓ ମା' ଘର ସଭାପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡ଼ିଛି କାଲିମେଳା ବ୍ଲକ ନାଲାଗଣ୍ଡି ପଞ୍ଚାୟତ ଏମ୍‌ଭି-୭୨ ଗ୍ରାମର ରାମା ୭ମାସ ତଳେ ଗ୍ରାମର କାହ୍ନାଇ ହାରିଙ୍କ ସହ ବିହାରକୁ କାମ କରିବାକୁ ଯାଇଥିଲେ। ନିକଟରେ କାହ୍ନାଇ ଗ୍ରାମକୁ ଫେରି ଆସିଥିବା ବେଳେ ରାମାଙ୍କ କୌଣସି ଠିକଣା ମିଳୁନାହିଁ। ଏ ନେଇ ସ୍ତ୍ରୀ ଜ୍ୟୋତି ଅନେକ ଥର କାହ୍ନାଇଙ୍କୁ ପଚାରିଥିଲେ ମଧ ସେ କିଛି ଉତ୍ତର ଦେଉନାହାନ୍ତି। ତାଙ୍କୁ ବାରମ୍ବାର ପଚାରିବାରୁ ଜ୍ୟୋତିଙ୍କୁ ସେ ଧମକଚମକ ଦେଉଛନ୍ତି। ତେବେ ସପ୍ତାହ ତଳେ ତାଙ୍କ ସ୍ୱାମୀ ରାମା ଫୋନରେ ଜ୍ୟୋତିଙ୍କ ସହ କଥା ହୋଇଥିଲେ। କାହ୍ନାଇ ୧୦ ଲକ୍ଷ ଟଙ୍କାରେ ତାଙ୍କୁ ଏଠାରେ ବନ୍ଧକ ରଖି ଗାଁକୁ ଚାଲିଯାଇଥିବା ଏବଂ ରାଜା ସିଂ ନାମକ ଜଣେ ଲୋକ ତାଙ୍କୁ ସେଠାରେ ବନ୍ଦୀ କରି ରଖି ନିର୍ଯାତନା ଦେଉଥିବା କହିଥିଲେ। ମଙ୍ଗଳବାର ରାମାଙ୍କ ମୃତ୍ୟୁ ଖବର ଜ୍ୟୋତି ପାଇଥିଲେ। ସେ ଏନେଇ ଏମ୍‌ଭି-୭୯ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ମଧ ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନାହିଁ। ଶୁକ୍ରବାର ଏମ୍‌ଭି-୭୯ ଥାନା ଅଧିକାରୀ ଅଶୋକ ବିଶୋୟୀ ରାମାଙ୍କ ଘରକୁ ଆସି ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡିଛି। ଏ ସମ୍ପର୍କରେ କାହ୍ନାଇଙ୍କୁ ପଚାରିବାରୁ ସେ ରାମାଙ୍କୁ କାମ କରିବାକୁ ନେଇ ନ ଥିବା ସଫେଇ ଦେଇଥିଲେ।

# କୋମ୍ବିଂ ଅପରେଶନ ବେଳେ ବିସ୍ଫୋରକ ଜବତ




**ଜୟପୁର, ୪।୬(ନି.ପ୍ର.)**

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ଚିକମ୍ବା ଜଙ୍ଗଲରେ ବିଏସ୍ଏଫ୍ ଯବାନ ଶୁକ୍ରବାର କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ସେମାନେ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଡାଲୁ ଷ୍ଟିଲ ଟିଫିନ ୩ଟି, ୪୭ଟି ଜିଲେଟିନ ଷ୍ଟିକସ , ୪୨ଟି ଡିଟୋନେଟର, ତାର ୫୦ ମିଟର, ପେକିଂ ଟେପ ୧ଟି, ୨ କେଜି ନୋଟ ବୋଲ୍ଟ ଜବତ ହୋଇଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଏହି ଜଙ୍ଗଲରେ ମାଓବାଦୀମାନେ ଏପରି ବିସ୍ଫୋରକ ସାମଗ୍ରୀ ରଖିଥିବା ଜଣାଯାଇଛି ।

# ସଂଘ କର୍ମକର୍ତ୍ତାଙ୍କ ପରିଶ୍ରମ ସୁଫଳ ଦେବ

## କରୋନା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ମାଲକାନଗିରି, ୪।୬(ଡି.ଏନ୍.ଏ.)**

ମାଲକାନଗିରି ଜିଲା ପ୍ରଶାସନ,ପୋଲିସ ପ୍ରଶାସନ ଓ ବଣିକ ସଂଘ ସହାୟତାରେ ମେ ମାସ ୪ରୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏକ ସଚେତନତା ରଥ ଏକମାସ ଧରି ମାଲକାନଗିରି ଜିଲା ସଦର ମହକୁମା ସହ ବାଲିମେଳା ଏନ୍ଏସି, ୭ଟି ବ୍ଲକ ସଦର ମହକୁମା, ୩୬୦ଟି ରାଜସ୍ୱ ଓ ପଡା ଗ୍ରାମ ପରିକ୍ରମା କରି ଲୋକଙ୍କୁ କରୋନା ସଂକ୍ରମଣ ସମ୍ପର୍କରେ ସଚେତନ କରିଥିଲା। ଆନ୍ଧ୍ର-ଛତିଶଗଡ଼ ସୀମାନ୍ତ ଆଭ୍ୟନ୍ତରୀଣ ଅଞ୍ଚଳର ବନବାସୀଙ୍କୁ ମଧ ଏହି ରଥ ସଚେତନ କରିଥିଲା। ରଥ ପରିକ୍ରମା ସମୟସୀମା ମଧ୍ୟରେ ୧୨ ହଜାର ମାସ୍କ, ଶୁଖିଲା ଖାଦ୍ୟ, ସାନିଟାଇଜର ବିଭିନ୍ନ ଗ୍ରାମରେ ବଣ୍ଟନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଆଇଆଇସି ରାମପ୍ରସାଦ ନାଗ, ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରାଧାରାଣୀ ଦଳେଇ, ନିବନ୍ଧକ ଅଧିକାରୀ ପ୍ରମୋଦ କୁମାର ବେହେରା ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରି ସଚେତନତା ସୃଷ୍ଟି ନେଇ ସଂଘ କର୍ମକର୍ତ୍ତାଙ୍କ ପରିଶ୍ରମ ନିଶ୍ଚିତ ସୁଫଳ ଦେବ ବୋଲି ମତ ଦେଇଥିଲେ। ଏହି ଅବସରରେ ମାଲକାନଗିରି ଜିଲା ମା' ଘର ସଭାପତି ପ୍ରଶାନ୍ତିଲତା ବିଶୋୟୀଙ୍କ ସହ ସଦସ୍ୟାମାନେ ଉପସ୍ଥିତ ଖବରଦାତାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ସହ ସମ୍ପାଦକ ସନୁ ଅନୁଗୁ, କିଶୋର ପାତିକା, ବିଦେଶୀ ଗୌଡ, କ୍ଷୀରୋଦ ବେହେରା, ଅବିନାଶ ବେହେରା, ଅଶୋକ ମିଶ୍ର, ସତ୍ୟନାରାୟଣ ପଣ୍ଡା, ଦିବାକର ଭଗବାନ, ରାହୁଲ ଗଳରି, ବିକ୍ରମ ସ୍ୱାଇଁ, ସୁନୀଲ ସାହୁ, ଚନ୍ଦନ କୁମାର ପଣ୍ଡା, ଏ. ଦେବାଶିଷ ପାତ୍ର, ସୁଧାଂଶୁ ମହନ୍ତି ଶିବପ୍ରସାଦ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ମା'ଘର ସଦସ୍ୟାମାନେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ, ୨ ମୃତ

**ଜୟପୁର, ୪।୬ (ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ବ୍ରିଜ୍ ନିକଟରେ ଗୁରୁବାର ରାତିରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କଳାଗୁଡ଼ା ଗ୍ରାମର ଦୀପକ କୁଳଦୀପ (୨୧) ଓ ଜୟପୁର ସହରାଞ୍ଚଳର ଦେବନନ୍ଦ ପୂଜାରୀ (୧୮)। ଦୀପକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦେବନନ୍ଦଙ୍କ କୋରାପୁଟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। କଳାଗୁଡା ଅଞ୍ଚଳର ଦୀପକ ସ୍ତ୍ରୀଙ୍କ ପାଇଁ ଔଷଧ ଆଣିବାକୁ ଅନ୍ୟ ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ ଜୟପୁର ଆସୁଥିଲେ। ସେହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ୨ ଜଣ ଯୁବକଙ୍କ ସହ ତାଙ୍କ ବାଇକ୍ ପାଲିଗୁଡା ବ୍ରିଜ୍ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ଉଦ୍ଧାରକରି ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଦେବନନ୍ଦଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଜୟପୁର ସଦର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ସମସ୍ତଙ୍କୁ ଦେୟମୁକ୍ତ ଟିକା ବ୍ୟବସ୍ଥା କଂଗ୍ରେସର ଦାବି



କଂଗ୍ରେସ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

**ମାଲକାନଗିରି, ୪।୬(ଡି.ଏନ୍.ଏ.)**

ପ୍ରତ୍ୟେକ ଭାରତୀୟଙ୍କୁ ସାର୍ବଜନୀନ ଦେୟମୁକ୍ତ ଟିକାକରଣ ସହ ଦୈନିକ ୧ କୋଟି ଟିକାକରଣ ସୁନିଶ୍ଚିତ କରିବା ଦାବିରେ ଶୁକ୍ରବାର ମାଲକାନଗିରି ଜିଲା କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ଭେଟି ଏହି ଦାବିପତ୍ର ଦେଇଥିଲେ। କଂଗ୍ରେସ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଟିକାକରଣ ପ୍ରକ୍ରିୟାକୁ ବିରୋଧ କରିବା ସହ ଦେଶରେ ଗୋଟିଏ ଟିକାର ମୂଲ୍ୟ ଭିନ୍ନଭିନ୍ନ ରହୁଥିବାରୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଅପାରଗତା ଯୋଗୁ ଦେଶରେ ଟିକାକରଣ ନୀତି ଫେଲ୍ ମାରିଛି। ଟିକା ନ ପାଇ ପ୍ରତ୍ୟହ ହଜାର ହାଜର ରୋଗୀ ମୃତ୍ୟୁବରଣ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କେନ୍ଦ୍ର ସରକାର ଶୀଘ୍ର ଟିକା କ୍ରୟ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ଦଳ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ, ଯୁବସଭାପତି ଜି.ଶ୍ରୀନିବାସ ରାଓ, ନଗର କଂଗ୍ରେସ ସଭାପତି ପି.କେଶୁ ରାଓ, ପଦ୍ମ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରେ ପରିବାର ସହ ଆଶ୍ରୟ ନେଇଛନ୍ତି ପ୍ରଶାନ୍ତ

## କାଳବୈଶାଖୀରେ ବେଘର



**ଏମ୍‌ଭି-୭୯,୪।୬(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଣ୍ଡାବାଇ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭୯ଠାରେ କାଳବୈଶାଖୀରେ ଅନେକ କ୍ଷୟକ୍ଷତି ହୋଇଛି। ଗୁରୁବାର ଅପରାହ୍ନରେ ହୋଇଥିବା ଏହି କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା। କେତେକ ସ୍ଥାନରେ ଗଛଡାଳ ଭାଙ୍ଗିପଡ଼ିଛି। ଏଥିରେ ଏମ୍‌ଭି-୭୯ ଗ୍ରାମର ପ୍ରଶାନ୍ତ ମଣ୍ଡଳଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। ପ୍ରଶାନ୍ତ ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଘରେ ସ୍ତ୍ରୀ , ଦୁଇ ଝିଅ ଏବଂ ପୁଅକୁ ଧରି ରହିଆସୁଥିଲେ। ବିଭିନ୍ନ ସମୟରେ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ସେ ପଞ୍ଚାୟତ ଅଫିସରେ ବାରମ୍ବାର ଜଣାଇ ଆସୁଥିଲେ ମଧ କେହି ଶୁଣୁ ନ ଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ପ୍ରଶାନ୍ତ କୁଲି କାମ କରି ପରିବାର ଚଳାଉଥିବାରୁ ତାଙ୍କ ପାଇଁ ଭଲ ଘର ଖଣ୍ଡେ କରିବା ସ୍ୱପ୍ନ ପାଲଟିଛି। ୭ବର୍ଷ ତଳେ ତାଙ୍କ ଘର ବିଦ୍ୟୁତ୍ ଶର୍ଟ ସର୍କିଟରେ ପୋଡ଼ିଯାଇଥିଲା। ସେ ଏନେଇ ପ୍ରଶାସନକୁ ଜଣାଇଥିଲେ ମଧ କିଛି ସହାୟତା ମିଳି ନ ଥିଲା। ଫଳରେ ସେ ଝାଟିମାଟିରେ ଘର କରି ପରିବାର ସହ ରହି ଆସୁଥିଲେ। କାଳବୈଶାଖୀରେ ତାଙ୍କ ଘର ଭାଙ୍ଗିଯାଇଥିବାରୁ ଏବେ ସେ ଖୋଲା ଆକାଶ ତଳେ ପରିବାର ଧରି ରହୁଛନ୍ତି। ତେବେ ଏନେଇ ଜାଣିବା ପରେ ଆର୍‌ଆଇ ସୁରଜ ଲାଲା ଗ୍ରାମରେ ପହଞ୍ଚି ତାଙ୍କୁ ଏକ ଜରି ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଭୂମିହୀନ ଓ ଗରିବ ଲୋକଙ୍କ ପାଇଁ ସରକାର କାର୍ଯ୍ୟକାରୀ କରୁଛନ୍ତି ଆବାସ ଯୋଜନା। ତେବେ ଏହାର ସୁଫଳ ପ୍ରଶାନ୍ତଙ୍କ ପରି ହିତାଧିକାରୀମାନେ ପାଉନାହାନ୍ତି। ପଞ୍ଚାୟତ ଅଫିସ ଓ ବ୍ଲକ ଅଫିସକୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଛନ୍ତି। ଏପରି କ୍ଷେତ୍ରରେ ଏହି ଯୋଜନା କାହାପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ପ୍ରଶାସନ ଏହାକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେବାକୁ ଦାବି ହେଉଛି।

# ଗଞ୍ଜେଇ ଜବତ, ଜଣେ ଗିରଫ



**ଜୟପୁର, ୪।୬ (ନି.ପ୍ର.)**

ଗଞ୍ଜେଇ ଚୋରା ଚାଲାଣ ବେଳେ ଜୟପୁର ସଦର ପୋଲିସ ଜଣେ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ଚାଲାଣ ବେଳେ ୪୨ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ସମ୍ପୃକ୍ତ ବ୍ୟକ୍ତି ଉତ୍ତର ପ୍ରଦେଶର ମନୋଜ କୁମାର (୪୦)ଙ୍କୁ ଗିରଫ କରାଯାଇଛି। ବୈପାରିଗୁଡ଼ା ପଟୁ ଜୟପୁର ଅଭିମୁଖେ ଉତ୍ତର ପ୍ରଦେଶ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ନିର୍ଦ୍ଦେଶରେ ଏକ ଟିମ୍ ୨୬ନଂ. ଜାତୀୟ ରାଜପଥର ଏୟାରଷ୍ଟ୍ରିପ ଛକଠାରେ ଜଗିରହି ଚଢାଉ କରିଥିଲେ। ଏକ ନମ୍ବରବିହୀନ କାର ଅଟକାଇ ଯାଞ୍ଚ କରିବାରୁ ସେଥିବରୁ ୧୧ଟି ପ୍ୟାକେଟରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ । ଏଥିସହ ପୋଲିସ ଗୋଟିଏ ମୋବାଇଲ ଫୋନ ଓ ୧୫୫୦ ଟଙ୍କା ଜବତ କରିଥିବା ମହାକୁଡ ସୂଚନା ଦେଇଛି ।

# ଶକ୍ତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉମରକୋଟ ବିଧାୟକ

**ଉମରକୋଟ, ୪।୬(ସ୍ୱ.ପ୍ର.)**

ଉମରକୋଟରେ ବିଦ୍ୟୁତ୍ ସମସ୍ୟା ରହିଛି। ଏହାର ସମାଧାନ ହେଉନି। ସମସ୍ୟାର ସମାଧାନ କରିବାକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଚିଠି ଲେଖିଛନ୍ତି।

ଚାନ୍ଦାହାଣ୍ଡିରରେ ଏକ ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ରହିଛି। ରାଇଘର ଅଞ୍ଚଳରେ ଚନ୍ଦାହଣ୍ଡିରୁ ଅଧିକ ଜନସଂଖ୍ୟା ଥିବା ସତ୍ତ୍ୱେ ସେଠାରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ସ୍ଥାପନ ହୋଇପାରିଲା ନାହିଁ। ମନ୍ତ୍ରୀଙ୍କୁ ପୂର୍ବରୁ କାନାଡ଼ିହି, ପରଚିପାରା, ଡ଼ିଏନ୍‌କେ, ମହୁଭାଟା,ବକଦା ଓ ମେନ୍ଧାବେଡାରେ ଟ୍ରାନ୍ସଫର୍ମର ଅପଗ୍ରେଡେଶନ, ଯୋଡିଙ୍ଗା, ଗୋନା, ହାଟଭରଣ୍ଡି ଓ ଜଲାଙ୍ଗ ପରାଠାରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ସ୍ଥାପନ କରିବାକୁ ଜଣାଇଥିଲେ ମଧ ତାହା ଏଯାବତ୍ ହୋଇପାରିଲା ନାହିଁ ବୋଲି ସେ ସେଥିରେ ଉଲ୍ଲେଖ କରିଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀର ୧୨ଟି ସ୍ଥାନରେ ଟ୍ରାନ୍ସଫର୍ମର ଖରାପ ହୋଇ ପଡ଼ିଥିବା ବିଧାୟକ ଅଭିଯୋଗ କରିଛନ୍ତି। ଅନେକ ସ୍ଥାନରେ ତାରଗୁଡିକ ପୁରୁଣା ଥିବାରୁ ଅଳ୍ପ ବର୍ଷା ପବନରେ ତାହା ଛିଣ୍ଡି ଯାଉଛି। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ସହ ଧନ ଜୀବନ ନଷ୍ଟ ହେଉଥିବା ବିଧାୟକ ଅଭିଯୋଗ କରିଛନ୍ତି। ଲୋକଙ୍କଠାରୁ ମନଇଚ୍ଛା ବିଦ୍ୟୁତ୍ ବିଲ ଆଦାୟ କରିବା ମଧ ବିଧାୟକ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ବଦଧାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।



Nityananda Gond, M.L.A.
UMERKOTE
Odisha Legislative Assembly

# ମହାମାରୀବେଳେ ଶାରୀରିକ, ମାନସିକ ସୁସ୍ଥତା ନେଇ ଆଲୋଚନା

**କୋରାପୁଟ,୪।୬(ସ୍ୱ.ପ୍ର.)**

କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିବା ସହ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବା ନିମନ୍ତେ ଶୁକ୍ରବାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଏକ ୱେବିନାର ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅନ୍‌ଲାଇନ କାର୍ଯ୍ୟକ୍ରମରେ ଅତିଥିଭାବେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କୋରାପୁଟ ଜିଲାପାଳ ଅବ୍‌ଦାଲ ଅଖତାର, ଲୋକପ୍ରିୟ ହକିତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ଜେଏନ୍‌ୟୁର ଆସୋସିଏଟ ପ୍ରଫେସର ହାପିମୋନ୍ ଯାକବ, ଓଲିଉଡ୍ ଅଭିନେତ୍ରୀ ଏଲିନା ଦାସ, ଗାୟକ କ୍ରିଷ୍ଣା ବେଉରା, ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇଥିଲେ। ବିଶେଷକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ମହାମାରୀ ଏବଂ ମାନବ ଜୀବନର ଉଦାହରଣ ଦେଇ ସଂଘର୍ଷ ସମୟରେ ଛାତ୍ରୀଛାତ୍ରଙ୍କୁ ଦୃଢ଼ ଏବଂ ଶକ୍ତିଶାଳୀ ହେବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ କରୋନା ପରିସ୍ଥିତିରେ ଶାରୀରିକ ଏବଂ ମାନସିକ ସୁସ୍ଥତା ବିଷୟରେ ଆଲୋଚନା ହୋଇଥିଲା। କୋରାପୁଟ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଜବରଦଖଲକାରୀଙ୍କ କବଳରୁ ସରକାରୀ ଜମି ଉଦ୍ଧାର

**ସେମିଳିଗୁଡା, ୪।୬(ସ୍ୱ.ପ୍ର.)**

ସେମିଳିଗୁଡା ବ୍ଲକ ଦଳେଇଗୁଡା ପଞ୍ଚାୟତର ଦୋଳିଆମ୍ବ ଗ୍ରାମ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବରଦଖଲକାରୀଙ୍କ କବଳରେ ରହିଥିବା ଜମିକୁ ରାଜସ୍ୱ ବିଭାଗ ନିଜ ଅଧୀନକୁ ଆଣିଛି। ଏହାର ଖାତା ନଂ. ୧୧୧, ପ୍ଲଟ ନଂ ୬୨୪। ଜମିର ପରିମାଣ ୫ ଏକର ୮୫ ସେଣ୍ଟ ବୋଲି ଜଣାପଡିଛି। ଏହାର ମାଲିକାନା ପିଡବ୍ଲ୍ୟୁଡି ବିଭାଗ ଅଧୀନରେ ରହିଛି। ଉକ୍ତ ଅଞ୍ଚଳର ଅଜିତ ବେନିଆ ଓ ଗୋପୀ ପୂଜାରୀ ଉକ୍ତ ସରକାରୀ ଜମିକୁ ଦୀର୍ଘ ଦିନ ହେଲା ନିଜ କବ୍‌ଜାରେ ରଖି ଆସୁଥିଲେ। ଏହି ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରୟ କରିବା ପାଇଁ ଉଭୟେ ଉଦ୍ୟମ କରୁଥିବା ଗ୍ରାମବାସୀ ଜାଣିପାରି ଏହାକୁ ବିରୋଧ କରିଥିଲେ। କଣ୍ଟାଗୁଡା ଓ ଦୋଳିଆମ୍ବ ଗ୍ରାମର ଗ୍ରାମବାସୀ ଶୁକ୍ରବାର ଏକାଠି ହୋଇ ଏହି ୨ ଜମି ସେମାନଙ୍କ କବଳରୁ ଉଦ୍ଧାର କରିବାକୁ ସେମିଳିଗୁଡା ତହସିଲଦାର ଶରତ ମାଝୀଙ୍କୁ ଭେଟି ଏକ ଲିଖିତ ଅଭିଯୋଗପତ୍ର ଦେଇଥିଲେ। ଏହାକୁ ଭିତ୍ତି କରି ତହସିଲଦାର ମାଝୀ ବିଭାଗୀୟ କର୍ମଚାରୀମାନଙ୍କ ସହ ଗ୍ରାମରେ ପହଞ୍ଚି ଏହି ସରକାରୀ ଜମିକୁ ଜବରଦଖଲକାରୀ ଅଜିତ ଓ ଗୋପୀଙ୍କ କବଳରୁ ଜବରଦଖଲରୁ ହଟାଇ ବିଭାଗ ଅଧୀନକୁ ଆଣିଥିଲେ। ଏହି ସମୟରେ ଗ୍ରାମର ବାବାଜୀ ପାଙ୍ଗି, ଗୋପାଳ ଖିଲ, ସଞ୍ଜୀବ ମହାନନ୍ଦିଆ ଓ ଜଗବନ୍ଧୁ ଉପସ୍ଥିତ ଥିଲେ। ଏନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ ଯେ, ଉକ୍ତ ଜମି ପିଡବ୍ଲ୍ୟୁଡି ବିଭାଗର ମାଲିକାନା ରହିଛି। ସେହି ବିଭାଗ ଅଧୀନରେ ଏହା ରହିବ। ଜମିର ସୁରକ୍ଷା ପାଇଁ ଆଗାମୀ ଦିନରେ ତାର ବାଡ ଘେରାଯିବ ବୋଲି ସେ କହିଥିଲେ।



ତହସିଲଦାରଙ୍କ ସହ ଅନ୍ୟମାନେ ଜବରଦଖଲ ଉଚ୍ଛେଦ କରୁଛନ୍ତି।

## ସଂକ୍ଷେପରେ

### ପାନ ଦୋକାନୀଙ୍କୁ ହତ୍ୟା ମାମଲା
## ଫେରାର ଅଭିଯୁକ୍ତଙ୍କ ଥାନାରେ ଆତ୍ମସମର୍ପଣ

**ଦିଗପହଣ୍ଡି,୪।୬(ଡି.ଏନ.ଏ.):** ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ଗ୍ରାମରେ ସିଗାରେଟ୍ ଓ ପାଣି ପାଉଚ ଧାର ନଦେବାରୁ ଗତ ଜାନୁୟାରୀ ୩୧ରେ ପାନ ଦୋକାନୀ ଦୁଷ୍ମନ୍ତ ଚୌଧୁରୀଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ କେଳା ଓରଫ ସନ୍ତୋଷ ସେଠୀ ଘଟଣାପରଠାରୁ ଫେରାର ଥିଲେ। ଶୁକ୍ରବାର ସନ୍ତୋଷ ଦିଗପହଣ୍ଡି ଥାନାରେ ଆତ୍ମ ସମର୍ପଣ କରିଥିଲେ। କରୋନା ପରୀକ୍ଷା କରାଯିବା ପରେ ତାଙ୍କୁ ମାମଲା ନଂ.୨୬/୨୧ ଅନୁଯାୟୀ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ପୂର୍ବରୁ ଏହି ହତ୍ୟା ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏକ ଘରୋଇ ବ୍ୟାଙ୍କର ଅଧିକାରୀ ସୁନୀଲ କୁମାର ନାୟକଙ୍କ ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ

**ବେଗୁନିଆପଡ଼ା,୪।୬(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପ ବିଭାଗ ପକ୍ଷରୁ ସାଲିଆ ଡ୍ୟାମରୁ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ ପ୍ରକଳ୍ପର ସଂଯୋଗିକରଣ ପାଇଁ ମେଗା ଜଳ ଯୋଗାଣ ପ୍ରକଳ୍ପକୁ ମଞ୍ଜୁର ମିଳିଛି। ଏ ନେଇ ଗୁରୁବାର ବିଧାୟିକା ଓ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଅଙ୍ଗାରଗାଁ ପଞ୍ଚାୟତର ଡାହିକି ଛକ ଠାରେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା କହିଥିଲେ ଯେ, ଏହି ପ୍ରକଳ୍ପ ପାଇଁ ୩୮୧.୦୮ କୋଟି ଟଙ୍କା ମଞ୍ଜୁରୀ ହୋଇଛି। ଏହା ଫଳରେ ସାଲିଆ ଡ୍ୟାମରୁ ମେଗା ପ୍ରକଳ୍ପ ଦ୍ୱାରା ବେଗୁନିଆପଡ଼ା ବ୍ଲକ, କବିସୂର୍ଯ୍ୟନଗର ବ୍ଲକର ପ୍ରାୟ ୨୫୦ ଗ୍ରାମକୁ ବିସୁଧା ପାନୀୟ ଜଳ ଯୋଗାଣ ହୋଇପାରିବ। ଏଥି ସହିତ ଡ୍ୟାମର ଉନ୍ନତିକରଣ ହୋଇପାରିବ। ଏଥିପାଇଁ ଅଞ୍ଚଳବାସୀ ବିଧାୟିକାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏହି ସଭାରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପଣ୍ଡା, ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, କାଶିନାଥ ବେହେରାଙ୍କ ସମେତ ଅନେକ ସରପଞ୍ଚ ଓ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୫୩ ୟୁନିଟ୍ ରକ୍ତସଂଗ୍ରହ

### ଭିଡିଓ କନ୍‌ଫରେନ୍ସରେ ଶୁଭ ଉଦ୍‌ଘାଟନ କଲେ ବାଚସ୍ପତି

**ଦିଗପହଣ୍ଡି,୪।୬(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କେ .ସାମନ୍ତରାପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶା ମୋ ପରିବାର ଗଞ୍ଜାମ ୟୁନିଟ୍ ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ର ଭିଡିଓ କନଫରେନ୍ସ ମାଧମରେ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦୈତ କୁମାର ସ୍ୱାଇଁ ମୁଖ୍ୟଅତିଥି ଏବଂ ବିଜେଡି ରାଜ୍ୟ ସମ୍ପାଦକ ସୁବାଷ ମହାରଣା, ବିଜେଡି ଜିଲା କମିଟି କାର୍ଯ୍ୟକର୍ତ୍ତା ଜଗନ୍ନାଥ ସାବତ, ଦିଗପହଣ୍ଡି ଥାନାଧିକାରୀ ବସନ୍ତ କୁମାର ସେଠୀ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମଣ ଚୌଧୁରୀ, ସାନଖେମୁଣ୍ଡି ଯୁବରାଜ ବୀରକିଶୋର ଦେଓ, ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ସମ୍ପାଦକ ହରପ୍ରସାଦ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରଥମେ ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ ଗ୍ରାମର ଅଙ୍ଗନୱାଡି କର୍ମୀ ସୁନୀତା ପଣ୍ଡାଙ୍କ ସମେତ ଆଖପାଖ ଗ୍ରାମାଞ୍ଚଳର ୧୫୩ ଜଣ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାପଡିଛି।

# ଦ୍ୱିତୀୟ ଲହରରେ ୩୯ ଜୀବନ ନେଲାଣି କରୋନା

### ■ ୨୧.୭୮ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟସ୍କ୍ରିନିଂ ସରିଲାଣି

**ଛତ୍ରପୁର,୪।୬(ଡି.ଏନ.ଏ.):** ଗଞ୍ଜାମ ଜିଲାରେ କରୋନାରେ ଆଉ ୨ ଜଣଙ୍କ ଜୀବନ ଯାଇଥିବା ଶୁକ୍ରବାର ସୂଚନା ଦିଆଯାଇଛି। ଏହାକୁ ମିଶାଇଲେ ଦ୍ୱିତୀୟ ଲହରରେ ଜିଲାର ୩୯ ଜଣଙ୍କ ଜୀବନ ନେଲାଣି କରୋନା। ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରେ ଏ ପର୍ଯ୍ୟନ୍ତ ୨୮୭ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ତେବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା କମି କମି ଆସୁଥିବାବେଳେ ମୃତ୍ୟୁକୁ ନେଇ

**ଗଞ୍ଜାମ ଜିଲ୍ଲା**

ଚିନ୍ତା ବଢୁଛି। ଜିଲାରେ ଦିନକରେ ଆଉ ୧୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଶୁକ୍ରବାର ସୂଚନା ମିଳିଛି। ଏବେ ବି ୧ ହଜାରରୁ ଉର୍ଦ୍ଧ୍ୱ ସକ୍ରିୟ କରୋନା ରୋଗୀ ଅଛନ୍ତି। ଅନ୍ୟପକ୍ଷରେ ଗତ ୧୯ ତାରିଖରୁ ଜିଲାରେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି। ଦୈନିକ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାପାଳ ଏହି ନିଷ୍ପତ୍ତି ନେଇଥିଲେ। ଗୁରୁବାର ସୁଦ୍ଧା ଜିଲାର ୨୧ ଲକ୍ଷ ୭୮ ହଜାର ୪୪୧ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ହୋଇଥିବା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ୨୦୪ ଜଣଙ୍କ ଠାରେ କରୋନା ଲକ୍ଷଣ ଚିହ୍ନଟ ହୋଇଛି। ୧୭୯ ଜଣଙ୍କ ଅକ୍ସିଜେନସ୍ତର କମ ଥିବା ଜଣାପଡିଥିଲା। ୫ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି। ଆଶା କର୍ମୀ, ସ୍ୱଚ୍ଛସାଥି, ସୁପରଭାଇଜର, ଅଙ୍ଗନୱାଡିକର୍ମୀମାନେ ଘର ଘର ବୁଲି ଅକ୍ସିମିଟରରେ ଅମ୍ଳଜାନସ୍ତର ଯାଞ୍ଚ ସହ ଶରୀର ତାପମାତ୍ରା ଜାଣିବା ପାଇଁ ଥର୍ମାଲ ସ୍କ୍ରିନିଂ କରୁଛନ୍ତି। ଯାହାଠାରେ ଲକ୍ଷଣ ଦେଖାଯାଉଛି ତାଙ୍କୁ ହସ୍ପିଟାଲକୁ ରେଫର କରାଯାଉଛି।

# ମାଳମାଳ ବେଆଇନ ଇଟାଭାଟି

**ଛତ୍ରପୁର,୪।୬(ଡି.ଏନ୍.ଏ.)**

ଛତ୍ରପୁର ତହସିଲ ଅନ୍ତର୍ଗତ ପୋଇଲାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ୧ କି.ମି. ଦୂରରେ ଦୀର୍ଘ ବର୍ଷ ହେଲା ବେଆଇନ ଇଟା ବେପାର ଚାଲିଛି। ଚାଷଜମିରୁ ଜେସିବି ମେଶିନ ଲଗାଇ ଉର୍ବର ମାଟି ଖୋଳି ଦିନଦ୍ୱିପ୍ରହରରେ ଟ୍ରାକ୍ଟର ଯୋଗେ ଗଚ୍ଛିତ କରାଯାଉଥିଲେ ମଧ୍ୟ ଏହା କିଭଳି ରାଜସ୍ୱ ନିରୀକ୍ଷକଙ୍କ ନଜରରେ ପଡୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ମାଳମାଳ ଇଟାଭାଟି ଋଷିକୁଲ୍ୟା ନଦୀ ପାର୍ଶ୍ୱ ଓ ରାଜ୍ୟ ରାଜପଥ ପାର୍ଶ୍ୱ ଗଢି ଉଠିଛି। ପରିବେଶ ମଞ୍ଜୁରୀ ବିନା ବେଆଇନ ଇଟାଭାଟି କରି ମାଲାମାଲ



ମାଟି ଗଦା କରାଯାଉଛି।

ହେଉଛନ୍ତି ଇଟା ମାଫିଆମାନେ। ଯେଉଁଥିରୁ ସରକାର ଅନେକ ରାଜସ୍ୱ ହରାଉଛନ୍ତି । ସେହିପରି ବଡ଼ମାଧପୁର ଗ୍ରାମର ହନୁମାନ ସାହିର ଏକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜମିରେ ବିପୁଳ ପରିମାଣର ମାଟି ଗଚ୍ଛିତ ରହିଛି। ଏହା ଇଟାଭାଟିକୁ ଚାଲାଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏସବୁ ପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଆଗକୁ ଚାଷଜମି ଋଷିକୂଲ୍ୟା ନଦୀ ସହ ସମାନ ହୋଇଯିବ। ନଦୀ ପାଣି ଚାଷଜମିରେ ପଶିବ। ଏ ସମ୍ପର୍କରେ ପୋଇଲାମପୁର ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରେ ଚାଷ ଜମିରୁ କେହି ମାଟି ନେଇ ପାରିବେନି। ଯେଉଁଠି ମାଟି ଚାଲାଣ ହେଉଛି ଖବର ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଆମ ପୋଲିସ ସମିତି ବୈଠକ

**ଶେରଗଡ,୪।୬(ଡି.ଏନ.ଏ.)**

ଶେରଗଡ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଥାନାଧିକାରୀ ମମତା କୁମାରୀ ସାମନ୍ତରାୟ ଅଧକ୍ଷତା କରିଥିଲେ । ସଭ୍ୟ ସୂର୍ଯ୍ୟନାରାୟଣ ଦାଶ ବୈଠକ ସଂଯୋଜନା କରିଥିଲେ। ମହାମାରୀରେ ସଭ୍ୟମାନେ ସୁରକ୍ଷିତ ରହିବାକୁ ଥାନାଧିକାରୀ କହିଥିଲେ । ସଭ୍ୟ ହୃଷୀକେଶ ପାଢୀ, ଦୁର୍ଗାମାଧବ ବିଷୋୟୀ, ବି. ଚେଇନ ପାତ୍ର ଓ ବରିଷ୍ଠ ସଭ୍ୟ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ସମିତିପକ୍ଷରୁ ଆଗାମୀ ଦିନରେ ଘର ଘର ବୁଲି ମାସ୍କ ବାଣ୍ଟିବା ସହ ଲୋକଙ୍କୁ ସଚେତନ କାର୍ଯ୍ୟକ୍ରମ କରାଯାଉ ବୋଲି କହିଥିଲେ। ଏହି ଅବସରରେ ବୈଠକରେ ଉପସ୍ଥିତ ନୂତନ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଚରଣ ସିଂଙ୍କୁ ସ୍ୱାଗତ କରାଯାଇଥିଲା।

# ଔଷଧ, ଇଞ୍ଜେକ୍ସନ ନେଲେ ମା'ଙ୍କ କୋପଦୃଷ୍ଟି ପଡ଼ିବ



ଭଗବାନଙ୍କୁ ଶାନ୍ତ କରିବାକୁ ଡଙ୍ଗରିଆ ଅଧିବାସୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ରାୟଗଡ଼ା ଅଫିସ,୪।୬**

ରାୟଗଡ଼ା ଜିଲା ନିୟମଗିରି ପାଦଦେଶରେ ବସବାସ କରୁଥିବା ଡଙ୍ଗରିଆଙ୍କୁ କରୋନା ବିଷୟରେ ସଚେତନ କରିବା ଏବଂ ଟିକାକରଣ ପାଇଁ ବୁଝାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଅନେକ ପ୍ରୟାସ କରାଯାଉଛି। ହେଲେ ସେମାନଙ୍କ ମଧ୍ୟରୁ ଅନ୍ଧବିଶ୍ୱାସକୁ ସମ୍ପୂର୍ଣ୍ଣ ଦୂର କରିବାରେ ସଫଳ ହୋଇପାରିନି ପ୍ରଶାସନ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ପାର୍ସାଲି ପଞ୍ଚାୟତର ଗୁମା ଗ୍ରାମରେ ଡଙ୍ଗରିଆଙ୍କ ପ୍ରତିକ୍ରିୟାରୁ ଏହା ସ୍ପଷ୍ଟ ହୋଇଛି।

ଔଷଧ କିମ୍ବା ଇଞ୍ଜେକ୍ସନ ନେଲେ ଭଗବାନଙ୍କ କୋପଦୃଷ୍ଟି ପଡ଼ିବ ବୋଲି ଏହି ଆଦିମ ଅଧିବାସୀଙ୍କ ମଧ୍ୟରେ ବିଶ୍ୱାସ ରହିଛି। ତେଣୁ ଭଗବାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଗ୍ରାମବାସୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। କରୋନା ବୋଲି କିଛି ନାହିଁ, ଭଗବାନଙ୍କ କୋପଦୃଷ୍ଟି ଯୋଗୁ ବିଭିନ୍ନ ରୋଗ ଆସୁଛି। ତେଣୁ ମା'ଙ୍କୁ ଶାନ୍ତ କରିବାକୁ ପଡ଼ିବ ବୋଲି ଗାଁରେ ରହୁଥିବା ଗ୍ରାମବାସୀ କହିଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅଧିକ ସଚେତନ କରିବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଜିଲାର ବିଷମକଟକ ବ୍ଲକ୍ ଅଞ୍ଚଳରେ ରହୁଥିବା ଡଙ୍ଗରିଆମାନେ ଧୀରେ ଧୀରେ ସଚେତନ ହେଉଥିବାବେଳେ କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳରେ ଅନେକ ଡଙ୍ଗରିଆ ଅଧିବାସୀ ଔଷଧ ଏବଂ ଟିକାକୁ ଗ୍ରହଣ କରିପାରି ନ ଥିବା ଜଣାପଡ଼ିଛି।

**URGENT REQUIRED**
For **ADITYA TRADING. CO**
**MARKETING EXECUTIVE**- 3 Nos.
(Experience - Sales, 5 years)
**DATA ENTRY OPERATOR**- 1 No.
(Experience - Computer, 3 years)
**GODOWN SUPERVISOR**- 2 Nos.
(Experience - 3 years)
**Interview**- 5 & 9 June 2021, 3pm, to 8 pm by **Mobile Call-98730 51198**

## ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଗୋପାଳପୁର,୪।୬**

ଜଣେ ମହିଳାଙ୍କୁ ଧମକ ଦେଇ ବଳାତ୍କାର ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ରାମଚନ୍ଦ୍ରପଲ୍ଲୀ ଗ୍ରାମର ଭଗବାନ ଦାସ (୩୨)। ଏହି ଥାନା ଅଞ୍ଚଳର ୨୮ ବର୍ଷିୟା ମହିଳାଙ୍କ ଘରକୁ ପୂର୍ବରୁ ଭଗବାନ ଯିବା ଆସିବା କରୁଥିଲେ। ଏହି ସମୟରେ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସ୍ୱାମୀ ଜାଣିବା ପରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ଭଗବାନ ମହିଳାଙ୍କୁ ଧମକ ଦେଇ ବିଭିନ୍ନ ସମୟରେ ବଳାତ୍କାର କରିଆସୁଥିଲେ। ଇତିମଧ୍ୟରେ ଏକ ପୁତ୍ର ସନ୍ତାନ ମଧ୍ୟ ଜନ୍ମ ହେବା ପରେ ମହିଳା ଜଣକ ଗୁରୁବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଧ୍ୟାହ୍ନରେ ଭଗବାନ ଗ୍ରାମରେ ବୁଲୁଥିବା ବେଳେ ପୋଲିସ ଗିରଫ କରିଥିଲା। ଅନ୍ୟପକ୍ଷରେ ୧୬୪ ଧାରା ଅନୁସାରେ ମହିଳାଙ୍କ ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ ମଧ୍ୟ କରାଯାଇଛି।

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC00084
Tel. No. : 0674-2395391, Fax : 0674-2395291, Website : www.oscsc.in

**Tender No. 7837/P-II/76/2021/PDS** **Dt. 03.06.2021**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the Work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From 05.06.2021 |
| 3 | Last Date / Time for receipt of bids in the portal | Dt.25.06.2021 upto 5.00 PM |
| 4 | Date/Time of Opening of Technical bid | Dt.28.06.2021 at 3.30 PM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender documents and other details can be seen from the e-procurement portal **www.tendersodisha.gov.in**, **www.oscsc.in** & **www.foododisha.in**. Amendments / corrigendum / cancellation/retenders etc. if any shall be published only in above websites.

Sd/-
Managing Director

**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes

- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering

Information Brochure and details of the programmes are available in the Institute Website.

**Phone : 0674 - 2653305/2653308**
**E-mail : admission@iiit-bh.ac.in**
**Home page : www.iiit-bh.ac.in**

IIIT Bhubaneswar, Gothapatna, PO: Malipada
Bhubaneswar-751003, India

DSPL - 43

सत्यमेव जयते

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବିଶ୍ୱ ପରିବେଶ ଦିବସ ୨୦୨୧ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ଜୁନ ୫ ତାରିଖ ଦିନଟିକୁ ଆମେ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରୁ । ଜନସାଧାରଣଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୃଦ୍ଧି, ପ୍ରକୃତିର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସଚେତନତା ସୃଷ୍ଟି କରିବା ଆଜି ଦିବସର ଲକ୍ଷ୍ୟ ।

ଆନ୍ତର୍ଜାତିକ ସ୍ତରରେ **'ପରିବେଶ ତନ୍ତ୍ରର ପୁନରୁଦ୍ଧାର'**କୁ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା ଭାବରେ ଗ୍ରହଣ କରାଯାଇଅଛି ।

ଅନାବଶ୍ୟକ ଜଙ୍ଗଲକ୍ଷୟ ଓ ଜୈବବିବିଧତା ହ୍ରାସ, ପରିବେଶ ପ୍ରଦୂଷଣ, ସବୁଜଗୃହ ବାଷ୍ପର ବୃଦ୍ଧି ଏବଂ ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଫଳରେ ପରିବେଶର ଅବନତି ହେବା ସହିତ ମାନବ ସମାଜ କ୍ରମଶଃ ବିପଦ ଆଡ଼କୁ ଟାଣି ହେଉଛି ।

ଏହାଛଡ଼ା ଭୂତାଣୁଜନିତ ରୋଗ, ପ୍ରାକୃତିକ ଦୁର୍ବିପାକ, ଜୀତଜଗତ ପ୍ରତି ଏକ ବହୁତ ବଡ଼ ଆହ୍ୱାନ ରୂପେ ଦେଖା ଦେଇଛି । ସମସ୍ତଙ୍କ ସହଯୋଗରେ ଏହାର ଦୃଢ଼ ମୁକାବିଲା ମଧ୍ୟ କରାଯାଉଛି । ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବ୍ୟାପକ ବନୀକରଣ ସହିତ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ଗଠନମୂଳକ ପଦକ୍ଷେପ ନିଆଯାଇଛି ।

ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବରେ ଜୈବବିବିଧତାର ସୁରକ୍ଷାକୁ ପବିତ୍ର କର୍ତ୍ତବ୍ୟ ବୋଲି ବିବେଚନା କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ଓ ଏ ଦିଗରେ ଆପଣମାନଙ୍କ ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)

**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ସଂସଦୀୟ ବ୍ୟାପାର, ଓଡ଼ିଶା



**ବିଶ୍ୱ ପରିବେଶ ଦିବସ-୨୦୨୧ ପାଳନ ଉପଲକ୍ଷେ**
**ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା**

୧୯୭୨ ମସିହା ଜୁନ ୫ ତାରିଖ ଷ୍ଟକ୍‌ହୋମ୍‌ଠାରେ ମିଳିତ ଜାତିସଂଘର ମାନବ ପରିବେଶ ସଂପର୍କିତ ସମ୍ମିଳନୀ ପ୍ରଥମେ ଆହୂତ ହୋଇଥିଲା । ୧୯୭୩ ମସିହା ଜୁନ ୫ ତାରିଖରୁ ପ୍ରତିବର୍ଷ ଏହି ଦିନ ବିଶ୍ୱ ପରିବେଶ ଦିବସ ରୂପେ ପାଳିତ ହୋଇଆସୁଅଛି । ଆମର ମୂଲ୍ୟବାନ ଜୈବବିବିଧତାର ସୁରକ୍ଷା, ଅବକ୍ଷୟିଷ୍ଣୁ ପରିବେଶର ପୁନରୁଦ୍ଧାର, ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ସମସ୍ୟାର ନିରାକରଣ, ପ୍ରାକୃତିକ ଦୁର୍ବିପାକ ଓ ମନୁଷ୍ୟକୃତ ପ୍ରଦୂଷଣ ହ୍ରାସ, ଇକୋସିଷ୍ଟମ ପରିଚାଳନା ଏବଂ ପ୍ରାକୃତିକ ସଂପଦର କ୍ଷୟକ୍ଷତିକୁ ଯଥାସମ୍ଭବ ରୋକିବା ଓ ଏ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ହେଉଛି **"Ecosystem Restoration"- "ପରିବେଶ ମଣ୍ଡଳର ପୁନରୁଦ୍ଧାର"** ।

ପ୍ରକୃତିର ସନ୍ତୁଳିତ ପରିବେଶ ହିଁ ମାନବ ଜୀବନ ତଥା ସମଗ୍ର ଜୀବଜଗତ ବଞ୍ଚିବା ପାଇଁ ଅପରିହାର୍ଯ୍ୟ । ଏହି ସନ୍ତୁଳନକୁ ରକ୍ଷା କରିବାକୁ ହେଲେ ଅବକ୍ଷୟିଷ୍ଣୁ ପରିବେଶ ମଣ୍ଡଳର ପୁନରୁଦ୍ଧାର ଜରୁରୀ ।

ପ୍ରାକୃତିକ ସଂପଦର ଅନିୟନ୍ତ୍ରିତ ଓ ଅତ୍ୟଧିକ ବ୍ୟବହାର, ବ୍ୟାପକ ବୃକ୍ଷଛେଦନ, ମାତ୍ରାଧିକ ପ୍ରଦୂଷଣ ପରିବେଶକୁ ଅସନ୍ତୁଳିତ କରିବା ସହ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଓ ଅଧିକ ପ୍ରାକୃତିକ ବିପର୍ଯ୍ୟୟର କାରଣ ପାଲଟିଛି । ଏହି ବିଶ୍ୱବ୍ୟାପୀ ସମସ୍ୟାର ସମାଧାନ ପାଇବାକୁ ହେଲେ ପ୍ରଦୂଷଣ ରୋକିବା ଦିଗରେ ବଳିଷ୍ଠ ପଦକ୍ଷେପ ନେବା, ବ୍ୟାପକ ବୃକ୍ଷରୋପଣ କରିବା, ପାରମ୍ପାରିକ ଇନ୍ଧନର ଅପଚୟ ନ କରିବା, ଅଣପାରମ୍ପରିକ ବିକଳ୍ପ ଶକ୍ତି ଉପରେ ଅଧିକ ଉପଯୋଗ କରିବା, ସବୁଜ ଗୃହ ପ୍ରଭାବ ସୃଷ୍ଟି କରୁଥିବା ବାଷ୍ପର ପରିମାଣକୁ ହ୍ରାସ କରିବା, ପ୍ରତ୍ୟେକ ଗ୍ରାମ ଓ ସହର ଚତୁପାର୍ଶ୍ୱରେ ସବୁଜ ପ୍ରାଚୀର ସୃଷ୍ଟି କରିବା, ଜଙ୍ଗଲ ଓ ପରିବେଶ ସଂରକ୍ଷଣ ଦିଗରେ ଯୁବପିଢ଼ିଙ୍କୁ ସଂଶ୍ଳିଷ୍ଟ କରାଇବା ଅତ୍ୟାବଶ୍ୟକ ।

ଆମ ପରିବେଶ ମଣ୍ଡଳର ପୁନରୁଦ୍ଧାର ଓ ଜୈବବିବିଧତାର ସୁରକ୍ଷା ନିମନ୍ତେ ଆସନ୍ତୁ, ପ୍ରକୃତି ସହ ବନ୍ଧୁତ୍ୱପୂର୍ଣ୍ଣ ସହାବସ୍ଥାନ ସ୍ଥାପନ କରିବା ଓ ସଂକଳ୍ପବଦ୍ଧ ହୋଇ ପରିବେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ।

(ବିକ୍ରମ କେଶରୀ ଆରୁଖ)

OIPR-07037/13/0001/2122

